# NATIONAL NEWS BULLETIN (ODIA)

**19 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଯୁକ୍ତିବିଦ୍ୟା ଆଧାରିତ ସୁଯୋଗର ଦ୍ୱାର ଉନ୍ମୁକ୍ତ କରିଛି ଡିଜିଟାଲ ଇଣ୍ଡିଆ ପଦକ୍ଷେପ, କହିଲେ ରାଷ୍ଟ୍ରପତି

- ଆନ୍ଧ୍ରପ୍ରଦେଶ ଗସ୍ତ ଅବସରରେ ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଯୋଗଦେଲେ ପ୍ରଧାନମନ୍ତ୍ରୀ

- ବିହାରରେ ଜେଡିୟୁ ବିଧାୟକ ଦଳ ନେତା ଭାବେ ନୀତିଶ କୁମାର ଓ ବିଜେପି ବିଧାୟକ ଦଳ ନେତା ଭାବେ ସମ୍ରାଟ ଚୌଧୁରୀ ମନୋନୀତ

- ୨୦୨୧ ଟ୍ରିବ୍ୟୁନାଲ୍ ସଂସ୍କାର ଆଇନର କେତେକ ବ୍ୟବସ୍ଥାକୁ ରଦ୍ଦ କଲେ ସୁପ୍ରିମକୋର୍ଟ

ଏବଂ

- ଆନ୍ଧ୍ରପ୍ରଦେଶର ରାମପାଚୋଡାଭରମ୍ ଅଞ୍ଚଳରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ

## ପ୍ରେଜ୍-ଏନ୍ଆଇଟି କନ୍‌ଭୋକେସନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଡିଜିଟାଲ ଇଣ୍ଡିଆ ଏକ ପରିବର୍ତ୍ତନକାରୀ ପଦକ୍ଷେପ । ଏହା ନାଗରିକଙ୍କ ପାଖରେ ପ୍ରଯୁକ୍ତିବିଦ୍ୟା ଆଧାରିତ ଅନେକ ସୁଯୋଗର ଦ୍ୱାର ଉନ୍ମୁକ୍ତ କରିଛି । ନୂଆଦିଲ୍ଲୀରେ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି-ଏନ୍ଆଇଟିର ପଞ୍ଚମ ବାର୍ଷିକ

ସମାରୋହକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ଦ୍ରୁତ ଇଣ୍ଟରନେଟ୍ ସେବା ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଦେଶର ଦୂରଦୂରାନ୍ତ ଅଞ୍ଚଳରେ ମଧ୍ୟ ସମାନ ସୁଯୋଗ ପ୍ରଦାନ କରୁଛି । ଏନ୍ଆଇଟି ଭଳି ପ୍ରତିଷ୍ଠାନ ଆଦର୍ଶ ଡିଜିଟାଲ୍ ଗ୍ରାମ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ରାଷ୍ଟ୍ରପତି କହିଛନ୍ତି । ଛାତ୍ରଛାତ୍ରୀମାନଙ୍କୁ ଏ ଦିଗରେ ଚିନ୍ତା କରିବା ସହ ପ୍ରଯୁକ୍ତିବିଦ୍ୟା ଆବିଷ୍କାରକୁ ଅଧିକ ଗତିଶୀଳ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ଏବଂ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରାଯାଉଛି । ବିଶ୍ୱ ଜଳବାୟୁ ସଂକଟର ମୁକାବିଲା ଦିଗରେ ଭାରତ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ।

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନ୍ଧ୍ରପ୍ରଦେଶର ଶ୍ରୀ ସତ୍ୟସାଇ ଜିଲ୍ଲାରେ ସତ୍ୟସାଇବାବାଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଅଂଶ ଗ୍ରହଣ କରିଛନ୍ତି । ପୁଟ୍ଟପର୍ତ୍ତୀରେ ଆଜି ପ୍ରଧାନମନ୍ତ୍ରୀ ସତ୍ୟସାଇବାବାଙ୍କ ମହାସମାଧିରେ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ସତ୍ୟସାଇବାବାଙ୍କ ଜୀବନ, ଶିକ୍ଷା ଏବଂ ଆଧ୍ୟାତ୍ମିକ ଚିନ୍ତାଧାରାକୁ ପ୍ରତିଫଳନ କରୁଥିବା ଏକ ସ୍ମାରକୀ ମୁଦ୍ରା ଓ ଡାକଟିକଟର ଉନ୍ମୋଚନ କରିଛନ୍ତି ।

**V/O (PM-Daka Tikata)**

 କନ୍ୟା ସନ୍ତାନଙ୍କୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଶ୍ରୀ ମୋଦୀ ସେଠାରେ ସୁକନ୍ୟା ସମୃଦ୍ଧି ଯୋଜନାର ଶୁଭାରମ୍ଭ କରିଛନ୍ତି । ପୂର୍ବରୁ ପ୍ରଶାନ୍ତିନିଳୟମଠାରେ ପ୍ରଧାନମନ୍ତ୍ରୀ ସତ୍ୟସାଇ ବାବାଙ୍କ ମହାସମାଧିରେ ଆୟୋଜିତ ବିଶେଷ ପ୍ରାର୍ଥନା ସଭାରେ ଯୋଗ ଦେଇଥିଲେ ।

## ବିହାର-ଏନ୍‌ଡିଏ ମିଟିଂ

ବିହାରରେ ଜେଡିୟୁ ନବନିର୍ବାଚିତ ବିଧାୟକ ଦଳ ନେତା ଭାବେ ନୀତିଶ କୁମାରଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି । ଅନ୍ୟପକ୍ଷରେ ପାଟନାଠାରେ ବିଜେପି ରାଜ୍ୟ ମୁଖ୍ୟାଳୟଠାରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ବରିଷ୍ଠ ନେତା ସମ୍ରାଟ ଚୌଧୁରୀଙ୍କୁ ବିଧାୟକ ଦଳ ନେତା ଏବଂ ବିଜୟ କୁମାର ସିହ୍ନାଙ୍କୁ ଉପନେତା ଭାବେ ମନୋନୀତ କରାଯାଇଛି । ଦଳର ୩ ଜଣ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।

ପାଟନାଠାରେ ଆଜି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ୍‌ଡିଏର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇ ନେତା ନିର୍ବାଚିତ କରାଯିବ । ଏନ୍.ଡି.ଏ. ମେଣ୍ଟର ଅଂଶିଦାର ବିଜେପି, ଜେ.ଡି.ୟୁ., ଲୋକ ଜନଶକ୍ତି ପାର୍ଟି ରାମବିଳାଶ, ହିନ୍ଦୁସ୍ତାନୀ ଆୱାମ୍ ମୋର୍ଚ୍ଚା ଏବଂ ରାଷ୍ଟ୍ରୀୟ ଲୋକମୋର୍ଚ୍ଚାର ସମସ୍ତ ୨୦୨ ଜଣ ନବନିର୍ବାଚିତ ବିଧାୟକ ସେମାନଙ୍କର ନୂତନ ନେତା ଆଜି ଚୟନ କରିବେ । ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ଏନ୍.ଡି.ଏ. ବିଧାୟକ ଦଳର ନେତା ଭାବେ ନିର୍ବାଚନ କରାଯିବାର ଆଶା କରାଯାଉଛି । ବୈଠକ ପରେ ସରକାର ଗଠନ ପାଇଁ ମଧ୍ୟ ଆଜି ଏନ୍.ଡି.ଏ. ପକ୍ଷରୁ ଦାବି ଉପସ୍ଥାପନ କରାଯିବ । ରାଜ୍ୟପାଳ ଆରିଫ୍

ମହମ୍ମଦ ଖାନ୍‌ଙ୍କୁ ଶ୍ରୀ କୁମାର ଆଜି ନିଜର ଇସ୍ତଫାପତ୍ର ପ୍ରଦାନ କରିବେ । ୨୪୩ ସଦସ୍ୟ ବିଶିଷ୍ଟ ବର୍ତ୍ତମାନ ବିଧାନସଭାର କାର୍ଯ୍ୟକାଳ ଆଜି ଶେଷ ହେଉଛି ।

ନୂତନ ମନ୍ତ୍ରିମଣ୍ଡଳର ଶପଥଗ୍ରହଣ ସମାରୋହ ଆସନ୍ତାକାଲି ପାଟନାର ଐତିହାସିକ ଗାନ୍ଧି ମଇଦାନଠାରେ ଅନୁଷ୍ଠିତ ହେବା ନେଇ ପ୍ରସ୍ତୁତି ଚାଲିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଏନ୍.ଡି.ଏ. ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ତଥା ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଶପଥଗ୍ରହଣ ସମାରୋହରେ ଯୋଗଦେବେ ବୋଲି ବିଜେପି ରାଜ୍ୟ ଶାଖା ସଭାପତି ଡକ୍ଟର ଦିଲୀପ ଜୟସ୍ୱାଲ୍ ସୂଚନା ଦେଇଛନ୍ତି ।

## ଏସ୍‌ସି-ଟ୍ରିବ୍ୟୁନାଲ୍ ରିଫର୍ମ ଲ

ଟ୍ରିବ୍ୟୁନାଲ୍ ସଦସ୍ୟଙ୍କ ନିଯୁକ୍ତି, କାର୍ଯ୍ୟକାଳ ଏବଂ ସେବା ସର୍ତ୍ତାବଳୀ ଆଧାରିତ ୨୦୨୧ ଟ୍ରିବ୍ୟୁନାଲ୍ ସଂସ୍କାର ଆଇନର କେତେକ ଧାରାକୁ ସୁପ୍ରିମକୋର୍ଟ ରଦ୍ଦ କରିଛନ୍ତି। ପ୍ରଧାନବିଚାରପତି ଜଷ୍ଟିସ୍ ବି.ଆର୍. ଗବାଇ ଏବଂ ବିଚାରପତି ଜଷ୍ଟିସ୍ କେ.ବିନୋଦଚନ୍ଦ୍ରଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ଆବେଦନର ଶୁଣାଣି କରି କହିଛନ୍ତି, ଏହି ଧାରାଗୁଡ଼ିକୁ ସାମାନ୍ୟ ପରିବର୍ତ୍ତନ କରାଯାଇ କେନ୍ଦ୍ର ସରକାର ପୁନଃ ପ୍ରଣୟନ କରିଛନ୍ତି । ଏଭଳି ବ୍ୟବସ୍ଥା କ୍ଷମତା ପୃଥକୀକରଣ ଏବଂ ନ୍ୟାୟିକ ସ୍ୱାଧୀନତାର ନିୟମକୁ ଉଲ୍ଲଂଘନ କରୁଛି । ତେଣୁ ସେଗୁଡ଼ିକର ପୁନଃ ପ୍ରଚଳନ କରାଯିବା ଅନୁଚିତ । ଖଣ୍ଡପୀଠ ଆହୁରି କହିଛନ୍ତି, ବକେୟା ମାମଲାଗୁଡ଼ିକର ତ୍ୱରିତ ସମାଧାନ ଦାୟିତ୍ୱ କେବଳ ନ୍ୟାୟପାଳିକା ଉପରେ ନୁହେଁ, ବରଂ ଅନ୍ୟ ସରକାରୀ ସଂସ୍ଥାଗୁଡ଼ିକ ଉପରେ ମଧ୍ୟ ନ୍ୟସ୍ତ କରାଯିବା ଉଚିତ । ଆୟକର ଆପେଲାଟ୍ ଟ୍ରିବ୍ୟୁନାଲ୍, କଷ୍ଟମ୍‌ସ, ଏକ୍ସାଇଜ୍ ଏବଂ ସର୍ଭିସ୍ ଟାକ୍ସ

ଆପେଲାଟ ଟ୍ରିବ୍ୟୁନାଲ୍‌ର ସଦସ୍ୟଙ୍କ କାର୍ଯ୍ୟକାଳ ବୟସସୀମା ୬୨ ବର୍ଷ ରହିପାରିବ ବୋଲି ଖଣ୍ଡପୀଠ କହିଛନ୍ତି । ତେବେ ଅଧ୍ୟକ୍ଷ ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ ୬୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ ।

ସୂଚନାଯୋଗ୍ୟ, ଟ୍ରିବ୍ୟୁନାଲ୍ ସଂସ୍କାର ଆଇନ ୨୦୨୧ର କେତେକ ଧାରାର ସାମ୍ବିଧାନିକ ବୈଧତା ନେଇ ଆଗତ ଆବେଦନଗୁଡ଼ିକର ପୂର୍ବରୁ ଏକାଠି ଶୁଣାଣି କରି ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଥିଲେ ।

---

## ଆନ୍ଧ୍ର ମାଓଇଷ୍ଟ୍

ଆନ୍ଧ୍ରପ୍ରଦେଶର ରାମପାଚୋଡ଼ାଭରମ୍ ଅଞ୍ଚଳରେ ଆଜି ସକାଳେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ବିଜୟୱାଡ଼ାରେ ଗଣମାଧ୍ୟମକୁ ସୂଚନା ଦେଇ ଆନ୍ଧ୍ରପ୍ରଦେଶ ଗୁଇନ୍ଦା ସଂସ୍ଥା ଅତିରିକ୍ତ ମହାନିର୍ଦ୍ଦେଶକ ମହେଶଚନ୍ଦ୍ର ଲଡ୍ଡା କହିଛନ୍ତି, ଗୁଳି ବିନିମୟରେ ୬ରୁ ୭ ଜଣ ମାଓବାଦୀ ନିହତ ହୋଇଛନ୍ତି । ଅନ୍ୟ ମାଓବାଦୀଙ୍କୁ ଆତ୍ମସମର୍ପଣ କରିବା ପାଇଁ କୁହାଯାଇଛି । ନିହତ ମାଓବାଦୀଙ୍କ ମଧ୍ୟରେ କିଛି ଶୀର୍ଷ ନେତୃତ୍ୱ ରହିଥିବାର ଅନୁମାନ କରାଯାଉଛି ।

ତେବେ ବିସ୍ତୃତ ସୂଚନା ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ବୋଲି ଶ୍ରୀ ଲଡ୍ଡା କହିଛନ୍ତି । ଛତିଶଗଡ଼ ଓ ତେଲଙ୍ଗାନାରେ ମାଓବାଦୀ ଗୋଷ୍ଠୀ ଆନ୍ଧ୍ରପ୍ରଦେଶରେ ପ୍ରବେଶ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ଲଡ୍ଡା କହିଛନ୍ତି । ସୁରକ୍ଷା ବାହିନୀ ମାଓ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ନିକଟରେ ହୋଇଥିବା ତଲାସୀ ଅଭିଯାନରେ ଏନ୍‌ଟିଆର, କୃଷ୍ଣା, ଏଲୁରୁ, କାକିନାଡ଼ା ଏବଂ କୋନାସୀମା ଜିଲ୍ଲାରୁ ୫୦ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ୩ ଜଣ ସ୍ୱତନ୍ତ୍ର

ଜୋନାଲ୍ କମିଟି ସଦସ୍ୟ, ୨୩ ଜଣ ପ୍ଲାଟୁନ୍ ସଦସ୍ୟ, ୫ ଜଣ ଡିଭିଜନାଲ୍‌ସଦସ୍ୟ ଏବଂ ୧୯ ଜଣ କ୍ଷେତ୍ରୀୟ କମିଟି ସଦସ୍ୟ ରହିଥିବା ଶ୍ରୀ ଲଡ୍ଡା ସୂଚନା ଦେଇଛନ୍ତି ।

ମାଓବାଦୀଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ମାରେଡୁମିଲି ଗୁଳିବିନିମୟ ଘଟଣା ପରେ ଜଙ୍ଗଲକୁ ଖସି ପଳାଇଥିବା ମାଓବାଦୀଙ୍କୁ ଖୋଜି ବାହାର କରିବା ପାଇଁ ସ୍ୱତନ୍ତ୍ର ଦଳକୁ ନିୟୋଜିତ କରାଯାଇଛି ବୋଲି ଶ୍ରୀ ଲଡ୍ଡା କହିଛନ୍ତି ।

---

## ସୀତାରମଣ-ପ୍ରି ବଜେଟ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ନୂଆଦିଲ୍ଲୀରେ ଆଗାମୀ କେନ୍ଦ୍ର ବଜେଟ୍-୨୦୨୬-୨୭ ସଂପର୍କରେ ବ୍ୟାଙ୍କିଙ୍ଗ୍ ଆର୍ଥିକ ସେବା ଏବଂ ବୀମା ବିଶେଷଜ୍ଞମାନଙ୍କ ସହିତ ସପ୍ତମ ପ୍ରାକ୍ ବଜେଟ୍ ପରାମର୍ଶର ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଅର୍ଥନୈତିକ ବ୍ୟାପାର ବିଭାଗର ସଚିବ, କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଗତକାଲି ଅର୍ଥମନ୍ତ୍ରୀ ଷ୍ଟାର୍ଟ-ଅପ୍ ଇକୋ ସିଷ୍ଟମ୍ ଏବଂ ପୁଞ୍ଜି ବଜାରର ଅଂଶୀଦାରମାନଙ୍କ ସହିତ ସାକ୍ଷାତ କରିଥିଲେ । ଅର୍ଥ ମନ୍ତ୍ରଣାଳୟ ପ୍ରତିବର୍ଷ ବିଶେଷଜ୍ଞ, ଶିଳ୍ପ ନେତା, ଅର୍ଥନୀତିଜ୍ଞ ଏବଂ ରାଜ୍ୟ ଅଧିକାରୀଙ୍କ ସହିତ ଅନେକ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ ଆୟୋଜନ କରିଥାଏ । କେନ୍ଦ୍ର ବଜେଟ୍ ବିଭିନ୍ନ ଦୃଷ୍ଟିକୋଣକୁ ପ୍ରତିଫଳିତ କରିଥାଏ ଏବଂ ପ୍ରମୁଖ ଅର୍ଥନୈତିକ ପ୍ରାଥମିକତାକୁ

ସମ୍ବୋଧିତ କରିଥାଏ । ତାହାକୁ ନିଶ୍ଚିତ କରିବା ପାଇଁ ଏହି ଆଲୋଚନା କରାଯାଇଛି ।

## ନାଗାଲାଣ୍ଡ-ପାପ୍

ନାଗାଲ୍ୟାଣ୍ଡ ମୁଖ୍ୟମନ୍ତ୍ରୀ ନେଫିଉ ରିଓ ରାଜ୍ୟରେ ପ୍ରୋଟେକ୍ଟେଡ୍ ଏରିଆ ପରମିଟ୍-ପାପ୍ ବ୍ୟବସ୍ଥା ପୁନଃ ଲାଗୁ କରିବା ପାଇଁ ତୁରନ୍ତ ସମୀକ୍ଷା କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଅନୁରୋଧ କରିଛନ୍ତି । ନିକଟରେ ଏକ ଚିଠିରେ ଶ୍ରୀ ରିଓ କହିଛନ୍ତି ଯେ ସୁରକ୍ଷା ଚିନ୍ତାକୁ ନେଇ ୨୦୨୪ ମସିହା ଡିସେମ୍ବର ୧୭ ତାରିଖରୁ ନାଗାଲ୍ୟାଣ୍ଡ, ମଣିପୁର ଏବଂ ମିଜୋରାମ ପାଇଁ ପୁନଃ ଲାଗୁ ହୋଇଥିବା ନବୀକରଣ ପାପ୍ କଟକଣା ନାଗାଲ୍ୟାଣ୍ଡ ପାଇଁ ଅନାବଶ୍ୟକ ଏବଂ ଏହାର ବର୍ଦ୍ଧିତ ପର୍ଯ୍ୟଟନ କ୍ଷେତ୍ରକୁ ଏହା କ୍ଷତି ପହଞ୍ଚାଇ ପାରେ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ମଣିପୁର ଏବଂ ମିଜୋରାମ ପରି ନାଗାଲ୍ୟାଣ୍ଡ ଭାରତ-ମିଆଁମାର ସୀମା ସମେତ ସୀମାପାରରୁ କୌଣସି ସୁରକ୍ଷା ସମସ୍ୟା କିମ୍ବା ଶରଣାର୍ଥୀ ପ୍ରବେଶ ନ କରି ଶାନ୍ତିପୂର୍ଣ୍ଣ ରହିଛି ।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ରାଜ୍ୟ କ୍ୟାବିନେଟ୍ ଏହି ପ୍ରସଙ୍ଗ ଉପରେ ଅନେକଥର ଆଲୋଚନା କରିଛନ୍ତି ଏବଂ ଗୃହ ମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି । ସେ ଉଲ୍ଲେଖ କରିଥିଲେ ଯେ, ପର୍ଯ୍ୟଟନ ଏବଂ ଶିକ୍ଷାକ୍ଷେତ୍ରରେ ଥିବା ବିଭିନ୍ନ ସଂଗଠନ ଏବଂ ନାଗରିକ ସମାଜ ଗୋଷ୍ଠୀ ମଧ୍ୟ ଏ ନେଇ ଚିନ୍ତା ପ୍ରକାଶ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି ଯେ, ପାପ୍ କଟକଣା ବିଦେଶୀ ପର୍ଯ୍ୟଟକଙ୍କୁ ପ୍ରତିକୂଳ ପ୍ରଭାବ ପକାଇପାରେ, ବିଶେଷକରି ଡିସେମ୍ବର ମାସରେ ହେବାକୁ ଥିବା

ହର୍ଣ୍ଣବିଲ୍ ମହୋତ୍ସବ ପୂର୍ବରୁ ଏହି କଟକଣାକୁ ଉଠାଇବାକୁ ସେ କହିଛନ୍ତି । ଶ୍ରୀ ରିଓ ନାଗାଲ୍ୟାଣ୍ଡ ପାଇଁ ସୁହାଇବା ଭଳି ପାପ୍ ନିର୍ଦ୍ଦେଶାବଳୀ ପାଇଁ ଆବେଦନ କରିଛନ୍ତି ଏବଂ ଆଶ୍ୱାସନା ଦେଇଛନ୍ତି ଯେ ପର୍ଯ୍ୟଟନ ଅଭିବୃଦ୍ଧି ଜାତୀୟ ସୁରକ୍ଷା ସହିତ ବିପଦ ସୃଷ୍ଟି ନ କରିବା ପାଇଁ ରାଜ୍ୟ କଠୋର ସୁରକ୍ଷା ପ୍ରୋଟୋକଲ୍ ବଜାୟ ରଖିବା ଆବଶ୍ୟକ ।

---

## ଆଇଏଫ୍ଏଫ୍ଆଇ-ବ୍ୟାଗ୍ରାଉଣ୍ଡ

୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆଇ.ଏଫ୍.ଏଫ୍.ଆଇ. ୨୦୨୫ ଆସନ୍ତାକାଲି ଗୋଆରେ ଆରମ୍ଭ ହେବ । ଭାରତର ସିନେମା ଐତିହ୍ୟକୁ ପ୍ରଦର୍ଶନ କରୁଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏହି ମହୋତ୍ସବର ଶୁଭାରମ୍ଭ ହେବ । ୮୦ରୁ ଅଧିକ ଦେଶର ପ୍ରତିନିଧି, ଚଳଚ୍ଚିତ୍ର ନିର୍ମାତା ଏଥିରେ ଅଂଶଗ୍ରହଣ କରିବା ସହ ୨୭୦ରୁ ଅଧିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ । ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ପଣଜୀ ଠାରେ ୮ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ । ଗୋଆର ୫ଟି ପ୍ରମୁଖ ସ୍ଥାନରେ ଚଳଚ୍ଚିତ୍ର ଗୁଡ଼ିକର ପ୍ରଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

---